# Akashvani, Sambalpur

## SAMBALPURI NEWS BULLETIN

### 10 October 2024- 6.47- 6.52 am.

*************************************************

ଦୁର୍ଗାପୂଜା    ସମ୍ବଲପୁର/ ସୁବର୍ଣ୍ଣପୁର/ ନୂଆପଡ଼ା

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ଆଏଜ୍ ମହାଷ୍ଟମୀ ଲାଗି ମନ୍ଦିର୍‌ମାନ୍‌କେ ରୀତିନୀତି ଅନ୍‌ସାରେ ପୂଜା ଚାଲିଛେ । ସାର୍ବଜନୀନ ପୂଜା ମଣ୍ଡପ୍ ମାନ୍‌କେ ଗଲାରାତି ବିଲ୍ୱବରଣ କରାଯାଇକରି ମହାସପ୍ତମୀ ତିଥି ପୂଜା ମୁଲ୍ ହେଇଛେ । ଇତାର୍‌ସହେତେ ମଣ୍ଡପ୍ ମାନ୍‌କେ ମା'ଙ୍କର୍ ଚକ୍ଷୁଦାନ କରାଯାଇଛେ । ଇ ବଛର୍ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ନ ଶହେ ୮୭ ଟା ଆର୍ କଟକ୍ ନ ଶହେ ୬୬ ଟା ପୂଜା ମଣ୍ଡପ୍ ହେଇଛେ । ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍ ଦୁର୍ଗୋତ୍ସବ ପରବ୍‌ର ମହାସପ୍ତମୀ ପୂଜା ହେଇଛେ । ରାଏଜେ ମଣ୍ଡପ୍‌ମାନ୍‌କୁ ଷଷ୍ଠୀ ପୂଜା ଆର୍ ଶକ୍ତିପୀଠମାନ୍‌କୁ ସପ୍ତମୀ ପୂଜା ହେଇଛେ । ସମ୍ବଲ୍‌ପୁର୍ ମହାନଗର୍ ନ ୬୪ ଟା ଜାଗା ସହେତେ ଜିଲ୍ଲାର୍ ଶହେ ନୁ

ଅଏତ୍‌କା ମଣ୍ଡପ୍ ନ ଜଗତ୍‌ଜନନୀ ମାଁ ଦୁର୍ଗାଙ୍କର୍ ଆବାହନ୍ କରାଯାଉଛେ ।

ଭାଇ ଜିଉଁତିଆ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦଶ୍‌ରା ମାସର୍ ଉଜଲ୍‌ପଖର୍ ଅଷ୍ଟମୀ ତିଥି ନ ଆଏଜ୍ ପଶ୍ଚିମ ଓଡ଼ିଶାର୍ ପବିତ୍ର ଓଷା ଭାଇ ଜିଉଁତିଆ ପାଲନ୍ କରାଯାଉଛେ । ଭାଏମାନ୍‌କର୍ ଦୀର୍ଘ ଜୀବନ୍ ଆର୍ ମଙ୍ଗଲ୍ କାମ୍‌ନା କରିକରି ଦୁର୍ଗା ଅଷ୍ଟମୀ ଅବ୍‌ସରେ ବହେନ୍ ମାନେ ବ୍ରତ ପାଲନ୍ କରୁଛନ୍ । ସଞ୍ଜ୍ ବେଲେ ଭାଇ ଜିଉଁତିଆ ପୂଜା ହେବା । ଦଶ୍‌ରା ଆର୍ ଭାଏଜିଉଁତିଆର୍ ଲାଗି ମଣ୍ଡପ୍‌ମାନ୍‌କେ ଭକ୍ତମାନ୍‌କର୍ ଜବର୍ ଭିଡ୍ ଦେଖିବାର୍‌କେ ମିଲିଛେ । ହେନ୍ତା ଗଲାକାଏଲ୍ ପିନ୍ଧନ୍ ଉଢ଼ନ୍ ଘିନ୍‌ବାର୍ ଲାଗି ଦୁକାନ୍ ବଜାର୍‌ମାନ୍‌କେ ଭିଡ୍ ହେଇଥିଲା ।

ଦଶ୍‌ରା ବର୍‌ଗଡ୍ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ଅଧିଷ୍ଠାତ୍ରୀ ଦେବୀ ଆଏଜ୍ ଦଶ୍‌ରା ନବରାତ୍ର ଅବ୍‌ସରେ ଭକ୍ତମାନ୍‌କୁ ମହାଗୌରୀ ବେଶଥି ଦର୍ଶନ୍ ଦଉଛନ୍ ।

ଆଶ୍ୱିନ୍ ମାସର୍ ଉଜଲ୍ ପଖର୍ ଅଷ୍ଟମୀ ତିଥିଥି ପାଟବସ୍ତ୍ର ଆର୍ ଦହନା ମାଲ୍ ପରିଧାନ୍ କରିଥିବା ଦେବୀଙ୍କୁ ଦର୍ଶନ୍ କର୍‌ବାର୍ ଲାଗି ବଡ଼େ ସଖାଲୁ ଭକ୍ତମାନ୍‌କର୍ ଭିଡ଼୍ ହେଇଛେ । ଜିଲ୍ଲାର୍ କୁରୁଅାଁର ମାହେଶ୍ୱରୀ, ବୁର୍ଡ଼ା ଆର୍ ରେମଣ୍ଡାର ସମଲେଶ୍ୱରୀ, କମଗାଁର ରାମଚଣ୍ଡି ଆର୍ ଅଲ୍‌ଗା ଦେବୀପୀଠମାନ୍‌କେ ରୀତିନୀତି ଅନ୍‌ସାରେ ଷୋହଳ ପୂଜା ଚାଲିଛେ ।

ଟାଟା ଗ୍ରୁପ୍                ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶିଷ୍ଟ ଶିଳ୍ପପତି ରତନ୍ ଟାଟାଙ୍କର୍ ଗଲାକାଏଲ୍ ସଞ୍ଜ୍‌ବେଲେ ଚିକିତ୍ସାଧୀନ ଅବସ୍ଥାଥି ପରଲୋକ ହେଇଯାଇଛେ । ମୃତ୍ୟୁ ବେଲ୍‌କେ ତାହାକୁ ୮୬ ବଛର୍ ବୟସ ହେଉଥିଲା । ସେ ୧୯୯୧ ନୁ ୨୦୧୨ ତକ୍ ଟାଟା ସନ୍ସର ଅଧ୍ୟକ୍ଷ ଥିଲେ । ତାଙ୍କର୍ ମୃତ୍ୟୁଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗହୀର୍ ଶୋକପ୍ରକାଶ୍ କରିଛନ୍ । ରତନ୍ ଟାଟା ୧୯୩୭ ଡିସେମ୍ବର୍ ୨୮ ତାରିଖେ ଜନମ୍ ହେଇଥିଲେ । ସେ ଟାଟା ଗ୍ରୁପ୍‌ର ପ୍ରତିଷ୍ଠାତା ଜାମ୍‌ସେଦ୍‌ଜୀ ଟାଟାଙ୍କର୍ ଅଣନାତି ଆନ୍ ।

ଆକାଂକ୍ଷା ଜିଲ୍ଲା ଆଇଏଏସ୍ ନିଯୁକ୍ତି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ୧୬ ଟା ଆକାଂକ୍ଷୀ ଜିଲ୍ଲା ନ ରାଜ୍ୟ ସର୍କାର୍ ବରିଷ୍ଠ ଆଇଏଏସ୍ ମାନ୍‌କୁ ନିଯୁକ୍ତି ଦେଇଛନ୍ । ଇ ଅଧିକାରୀମାନେ ଆକାଂକ୍ଷୀ ଜିଲ୍ଲା ଆର୍ ଆକାଂକ୍ଷୀ ବ୍ଲକ୍ ମାନ୍‌କେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ପରିଚାଳନା କର୍‌ବେ । ସମ୍ବଲପୁର୍ ଲାଗି ଅରବିନ୍ଦ ଅଗ୍ରୱାଲ୍, ସୁନ୍ଦର୍‌ଗଡ଼୍ ଲାଗି ଅଶ୍ୱଥୀ ଏସ୍., ବଲାଙ୍ଗିର୍ ଲାଗି ବିଶାଲ୍ ଦେବ୍, ବର୍‌ଗଡ଼୍ ଲାଗି ଶାଶ୍ୱତ୍ ମିଶ୍ର, କଲାହାଣ୍ଡି ଲାଗି ସୁଶୀଲ୍ କୁମାର୍ ଲୋହାନୀଙ୍କୁ ଦାୟିତ୍ୱ ଦିଆଯାଇଥିବାର୍ ଜନାପଡ଼ିଛେ ।

ଆକାଂକ୍ଷୀ ଜିଲ୍ଲାମାନ୍‌କେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଉ ଜଲ୍‌ସେଚନ୍, ଆର୍ ଭିତିଭୂମି ବାଗିର୍ ୫ ଟା ବଡ଼ ସାମାଜିକ୍, ଅର୍ଥନୈତିକ୍ କ୍ଷେତ୍ରଥି ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍ ହେଉଥିବାର୍ ବେଲେ ଇଥି ଉନ୍ନତ ପ୍ରଦର୍ଶନ୍ କରୁଥିବାର୍ ରାଜ୍ୟମାନ୍‌କର୍ ଲାଗି ୪୯ ଟା ସୂଚକାଙ୍କ ନିର୍ଦ୍ଧାରଣ୍ କରାଯାଇଛେ । ନୀତି ଆୟୋଗଙ୍କର୍ ତର୍‌ଫୁ ଇ କାମ୍ ମାନ୍‌କର୍ ସମୀକ୍ଷା କରାଯିବାର୍ ଲାଗି ନିଷ୍ପତି ହେଇଥିବାର୍ ଜନାପଡ଼ିଛେ ।

ମହଙ୍ଗାଭତା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ରାଷ୍ଟ୍ରାୟତ ଉଦ୍ୟୋଗ୍- ପିଏସ୍‌ୟୁ କର୍ମଚାରୀମାନ୍‌କର୍ ମହଙ୍ଗାଭତା ୪ ପ୍ରତିଶତ୍ ବଢ଼ିଛେ । ଏତ୍‌କେ ସେମାନେ ରାଜ୍ୟ ସର୍‌କାରୀ କର୍ମଚାରୀମାନ୍‌କର୍ ବାଗିର ୫୦ ପ୍ରତିଶତ୍ ମହଙ୍ଗାଭତା ପାଏବେ । ଇଟା ପିଛିଲା ଭାବେ ଗଲା ଜାନୁଆରୀ ପହେଲା ନୁ ଲାଗୁ ହେବା । ହେଲେ କେନ୍ ପିଏସ୍‌ୟୁ କର୍ମଚାରୀମାନେ ଇ ବଢ଼୍‌ତି ଭତା ପାଏବେ, ସେ ବାବ୍‌ଦେ ସର୍‌କାର୍ ସର୍ତ ଧାରିଜ୍ କରିଥିବାର୍ ଜନାପଡ଼ିଛେ ।

ଖାଦ୍ୟମନ୍ତ୍ରୀ ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ପେଟ୍ରୋଲ୍, ଡିଜେଲ୍ ଆର୍ ଏଲ୍‌ପିଜି ବିତରକ ଆଉ ସମ୍ପୃକ୍ତ ଅଲ୍‌ଗା ସଂସ୍ଥାର୍ କର୍ମକର୍ତାମାନ୍‌କର୍ ସଙ୍ଗେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ଆଲୋଚନା କରିଛନ୍ । ଙ୍ଗି’ ଖାଉଟି ଯେନ୍ତା ସଠିକ୍ ପରିମାଣ୍ ଆର୍ ଗୁଣାତ୍ମକ ତୈଲ ଆର୍ ଗେସ୍ ଦରବ୍ ପାଇପାର୍‌ବେ, ତାର୍ ଉପ୍‌ରେ ବିତରକ ସଂସ୍ଥା

ନଜର୍ ରଖିବାର୍ ଦର୍କାର୍ ବଲି ସେ କହିଥିଲେ । ହେନ୍ତା ଗ୍ରାହକ୍ମାନ୍କୁ ଭଲ୍ ବେଭାର୍ କର୍ବାର୍ ଆର୍ ଗେସ୍ ବୁକିଂର ୪୮ ଘଂଟା ଭିତ୍ରେ ଗେସ୍ ପୁହୁଁଚାବାର୍ ଲାଗି ଯତନ୍ କର୍ବାର୍କେ ମନ୍ତ୍ରୀ ଶ୍ରୀ ପାତ୍ର ବୈଠକ୍ଥି କହିଥିଲେ ।

ଶାଶ୍ୱତ୍ ମିଶ୍ର - ଇଡ୍କୋ  ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ଅର୍ଥ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଆର୍ ୧୯୯୬ ବେଚ୍ର ଆଇଏଏସ୍ ଅଧିକାରୀ ଶାଶ୍ୱତ୍ ମିଶ୍ରଙ୍କୁ ରାଜ୍ୟ ସର୍କାର୍ ଅତିରିକ୍ତ ଦାୟିତ୍ୱ ଦେଇଛନ୍ । ଶ୍ରୀମିଶ୍ରଙ୍କୁ ଇଡ୍କୋର ସିଏମ୍ଡି ଭାବେ ନୂଆଁ ଦାୟିତ୍ୱ ଦିଆଯାଇଛେ । ହେନ୍ତା ଶ୍ରୀ ମିଶ୍ର ଇହାଦେ ଓଏସ୍ଏସ୍ସିର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲଉଛନ୍ ।

ପିଜି ଶିକ୍ଷକ୍ ନିଯୁକ୍ତି ପରୀକ୍ଷା           ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଥିବାର୍ ବେସରକାରୀ ଯୁକ୍ତ ଦୁଇ କଲେଜ୍ - ୪ ଶହ ୪୮ ବର୍ଗଥି ନିଯୁକ୍ତିର୍ ଲାଗି ଆଏବା ୧୭ ତାରିଖ୍ ଦିନ ସ୍ନାତକୋତର ଶିକ୍ଷକ୍ - ପିଜିଟି ପରୀକ୍ଷା ହେବା । ଇ ବାବ୍ଦେ ଗଲାକାଏଲ୍ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ଭୁବ୍‌ନେଶ୍ୱର୍ ସହେତେ ସମ୍ବଲ୍‌ପୁର୍, ରାଉର୍‌କେଲା, ଭବାନୀପାଟ୍‌ନା, କଟକ୍, ବ୍ରହ୍ମପୁର୍, ଜୟପୁର୍, ବାଲେଶ୍ୱର୍, କେନ୍ଦୁଝର୍, ଜୋନ୍ ନ ଇ ପରୀକ୍ଷା ହେବା । ସେଦିନ ୩ ଟା ସିଟିଂଥି ଇ ପରୀକ୍ଷା କରାଯିବା ବଲି ଜନାପଡ଼ିଛେ ।

ଛତର୍ ଯାତ୍ରା- ଟାଟାପାୱାର୍ ପ୍ରେସ୍ ରିଲିଜ୍

ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ଲାଗି ଆଏବା କାଏଲ୍ ଲୁକର୍ ସୁରକ୍ଷାକେ ନଜର୍‌ଥି ରଖିକରି ଭବାନୀପାଟ୍‌ନା ସହର୍ ନ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଇ କଟ୍‌କନା ସଖାଲର୍ ୫ ବଜେନୁ ଉପର୍‌ବେଲାର୍ ୨ ବଜେତକ୍ ଜାରି ରହେବା ବଲି କମ୍ପାନୀ ତର୍‌ଫୁ କୁହାଯାଇଛେ ।

ହାଇକୋର୍ଟ ଛୁଟି ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ଠାନୁ ଓଡ଼ିଶା ହାଇକୋର୍ଟଙ୍କର୍ ଦଶ୍‌ରା ଛୁଟି ମୁଲ୍ ହେଉଛେ । ଇଥିର୍‌ଲାଗି ଆଏବା ୨୦ ତାରିଖ୍‌ତକ୍ କୋର୍ଟ ବନ୍ଦ୍ ରହେବା । ଆଏବା ୨୧ ତାରିଖ୍ ଦିନ କୋର୍ଟ ନ ଆଘର୍ ବାଗିର୍ କାମ୍ ମୁଲ୍ ହେବା । ହେଲେ ଇ ସମିଆଥି ୧୮ ତାରିଖ୍ ଦିନ

ଅବକାଶ କାଳୀନ ଅଦାଲତ୍ ବସ୍‌ବା ବଲି ହାଇକୋର୍ଟ ରେଜିଷ୍ଟ୍ରାର୍
- ଜୁଡ଼ିସିଆଲ୍‌ଙ୍କର୍ ତର୍‌ଫୁ ଗୁଟେ ବିଜ୍ଞପ୍ତିଥି କୁହାଯାଇଛେ ।